# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**17 December - 2024**
**News Editor : *Itishree Singh Rathaur***

---

# ନଦୀଜଳ ପ୍ରଦୂଷିତ-ସଂସଦ

କେନ୍ଦ୍ର ସରକାର ନଦୀଗୁଡ଼ିକୁ ପ୍ରଦୂଷଣମୁକ୍ତ କରିବା ଲାଗି ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଗତକାଲି ସଂସଦରେ ସୂଚନା ଦେଇଛନ୍ତି । ଏ ସଂପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ୨୭୯ଟି ନଦୀ ଦେଶର ୩୧୧ଟି ସ୍ଥାନରେ ପ୍ରଦୂଷିତ ହୋଇଥିବା କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଚିହ୍ନଟ କରିଛି । ସେଥିମଧ୍ୟରେ ଓଡ଼ିଶାର ମହାନଦୀ ସମେତ ବିଭିନ୍ନ ପ୍ରମୁଖ ନଦୀ ୭ଟି ସ୍ଥାନରେ ଅଧିକ ପ୍ରଦୂଷିତ ଥିବା ଜଣାପଡ଼ିଛି । ବିନା ବିଶୋଧନରେ ସ୍ୱେରେଜ ପାଣି ଏବଂ ଶିଳ୍ପସଂସ୍ଥାର ବର୍ଜ୍ୟ ଜଳ ଓ ସାମଗ୍ରୀ ଯୋଗୁଁ ନଦୀଜଳ ପ୍ରଦୂଷିତ ହେଉଛି । ମହାନଦୀ ସମେତ ଦେଶର ୧୩ଟି ନଦୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଏକ ବିସ୍ତୃତ  ଯୋଜନା ପ୍ରସ୍ତୁତ କରାଯାଇଥିବା ନେଇ ମନ୍ତ୍ରୀ ଶ୍ରୀ ଯାଦବ ସଂସଦରେ ସୂଚନା ଦେଇଛନ୍ତି ।

---

# ଓଏଏସ୍ଏପି-ମୁଖ୍ୟମନ୍ତ୍ରୀ

ରାଜ୍ୟରେ ବୃଦ୍ଧିପାଉଥିବା ଶିଳ୍ପସଂସ୍ଥାକୁ ଦୃଷ୍ଟିରେ ରଖି ପୋଲିସ୍ ବାହିନୀରେ ସ୍ୱତନ୍ତ୍ର ଭାବେ ଆଉ ୬ଟି ଓଡ଼ିଶା ଶିଳ୍ପ ସୁରକ୍ଷା ଫୋର୍ସ ବାଟାଲିୟନ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏଥିପାଇଁ

୬ ହଜାର ପଦବୀ ସୃଷ୍ଟି କରାଯିବ । କଟକ ଓଏସ୍ଏପି ଷଷ୍ଠ ବାଟାଲିୟନ ପରିସରରେ ଓଡ଼ିଶା ପୋଲିସ୍ ହାବିଲଦାର, କନେଷ୍ଟବଲ ଏବଂ ସିପାହୀ ମହାସଂଘର ୪୫ତମ ବାର୍ଷିକ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି ।  ଖାଲିପଡ଼ିଥିବା ପଦବୀ ଗୁଡ଼ିକ ଶୀଘ୍ର ପୂରଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି  ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଧର୍ମେନ୍ଦ ପ୍ରଧାନ

ଦେଶର ଟାୟାର-୨ ଏବଂ ଟାୟାର-୩ ସହରରେ ଶିକ୍ଷାର୍ଥୀଙ୍କ ପାଖରେ ସୁଲଭ ମୂଲ୍ୟରେ ଏନ୍ସିଇଆରଟି ଦ୍ୱାରା ପ୍ରକାଶିତ ପୁସ୍ତକ ପହଞ୍ଚାଯିବ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ନୂଆଦିଲ୍ଲୀଠାରେ ଏନ୍ସିଇଆରଟି ଓ ଇ-ବାଣିଜ୍ୟ ପ୍ଲାଟଫର୍ମ ଫ୍ଲିପ୍କାର୍ଟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଗୁଗଲ୍ ଶିକ୍ଷାକେନ୍ଦ୍ରକୁ ଲୋକାର୍ପଣ କରିଥିଲେ । ଏହି କେନ୍ଦ୍ର କୃତ୍ରିମ ବୁଦ୍ଧିମତ୍ତା ସମେତ ପ୍ରଯୁକ୍ତିବିଦ୍ୟା ଉପଯୋଗରେ ଶିକ୍ଷକ ସମାଜର ଦକ୍ଷତା ବିକାଶରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଥିଲେ ।

## ରତ୍ନଭଣ୍ଡାର ମରାମତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆଜିଠାରୁ ଆରମ୍ଭ ହେବ । ଦ୍ୱିତୀୟ ଭୋଗମଣ୍ଡପ ପରେ ଅପରାହ୍ନରେ ବିଧିମୁତାବକ ରତ୍ନଭଣ୍ଡାର ଖୋଲାଯିବ । ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ରତ୍ନଭଣ୍ଡାର ମରାମତି ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ

ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ମରାମତି ସମୟରେ ଶ୍ରଦ୍ଧାଳୁ ବାହାରକାଠ ନିକଟରୁ ଶ୍ରୀଜୀଉଙ୍କୁ ଦର୍ଶନ କରିବେ । ପ୍ରତ୍ୟେକ ଦିନ ଅପରାହ୍ନ ସାଢ଼େ ୧୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମରାମତି କାର୍ଯ୍ୟ ପାଇଁ ଏଏସ୍ଆଇ ପକ୍ଷରୁ ସମୟ ଧାର୍ଯ୍ୟ ହୋଇଛି ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ୩ ଦିନିଆ କେନ୍ଦୁଝର ଗସ୍ତରେ ଯିବେ । ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ବିମାନରେ ରାଇସୁଆଁଠାରେ ପହଞ୍ଚି ସପ୍ତମ ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀରେ ଯୋଗଦେବେ । ଏହାପରେ ମୁକୁନା ସତ୍ୟନାରାୟଣ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ଆସନ୍ତା ଗୁରୁବାର ଦିନ ଅପରାହ୍ନରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ।

## ଇ-ଗଭର୍ଣ୍ଣାନ୍ସ କର୍ମଶାଳା

ଭୁବନେଶ୍ୱରସ୍ଥିତ ରାଜ୍ୟ ସୂଚନା ବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ ୩ ଦିନିଆ ଇ-ଗଭର୍ଣ୍ଣାନ୍ସ କର୍ମଶାଳା ଗତକାଲି ଉଦ୍‌ଯାପିତ ହୋଇଛି । ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଏଥିରେ ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତାର ଅଧିକ ଫଳପ୍ରଦ ଉପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାରର ଆଇନଗତ, ଗୋପନୀୟତା, ପାରଦର୍ଶିତା,

ସାମାଜିକ ଏବଂ ନୈତିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ଯୁବ ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ବିଭିନ୍ନ ମଡେଲ ପ୍ରଦର୍ଶିତ ହୋଇଥିଲା ।

# ବାୟୋ ମିଥେନ ଗ୍ୟାସପ୍ଲାଣ୍ଟ

ରାଜ୍ୟର ପ୍ରଥମ ବାୟୋ ମିଥେନ ଗ୍ୟାସ୍ ପ୍ଲାଣ୍ଟ ଭୁବନେଶ୍ୱରଠାରେ ପ୍ରତିଷ୍ଠା କରାଯିବ । ଅଏଲ୍ ଇଣ୍ଡିଆ ପକ୍ଷରୁ ପ୍ରତିଷ୍ଠା ହେବାକୁ ଥିବା ଏହି ପ୍ଲାଣ୍ଟ ପାଇଁ କେଶୁରା ନିକଟସ୍ଥ ମେହେରପାଲୀଠାରେ ସରକାର ୮ ଏକର ଜାଗା ଯୋଗାଇ ଦେବେ ।  ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଭୁବନେଶ୍ୱର ମହାନଗର ନିଗମ ଏବଂ ଅଏଲ୍ ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ଗତକାଲି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ଲାଣ୍ଟ ନିର୍ମାଣ ପାଇଁ ୧୭୫ କୋଟି ଟଙ୍କା ଖର୍ଚ୍ଚ କରାଯିବ । ୨ ବର୍ଷ ମଧ୍ୟରେ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ କମ୍ପାନୀ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବିଏମ୍‌ସି ଅଞ୍ଚଳରୁ ବାହାରୁଥିବା ଦୈନିକ ୨୦୦ ଟନ୍ ଓଦା ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରାଯାଇ ବାୟୋଗ୍ୟାସ୍ ପ୍ରସ୍ତୁତ କରାଯିବ ।

# ରଥକାଠ ଚିହ୍ନଟ

ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥକାଠ ଚିହ୍ନଟ ପ୍ରକ୍ରିୟା ଆଜି ଆରମ୍ଭ ହେବ । ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ବଡ଼ମୂଳ ଗ୍ରାମର ମା’ ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ

ରଥକାଠ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ । ଏଥିପାଇଁ ଶ୍ରୀମନ୍ଦିରର ଏକ ପ୍ରତିନିଧି ମଣ୍ଡଳୀ ମହାପ୍ରଭୁଙ୍କ ଆଜ୍ଞାମାଳ ସହ ଗତକାଲି ନୟାଗଡ଼ରେ ପହଞ୍ଚିଛନ୍ତି । ପରମ୍ପରା ଅନୁଯାୟୀ ଚିହ୍ନଟ ରଥକାଠ କଟାଯାଇ ଶ୍ରୀପଞ୍ଚମୀ ପୂର୍ବରୁ ଶ୍ରୀକ୍ଷେତ୍ରକୁ ପଠାଯିବ ।

## ଜୟନ୍ତୀ

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଆଜି ରାଜ୍ୟବ୍ୟାପୀ ପାଳନ କରାଯାଉଛି । ରାଜ୍ୟସ୍ତରୀୟ ଜୟନ୍ତୀ ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ ହେବ । ଏଥିରେ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।